## ସଂକ୍ଷେପରେ

### 'ମଧୁମେହ ଓ ପରିବାର' ଆଲୋଚନା ଚକ୍ର

ବ୍ରହ୍ମପୁର ଅଫିସ,୧୫ା୧୧: ଖଲ୍ଲିକୋଟ ମହାବିଦ୍ୟାଳୟ ଯୁଥ ରେଡକ୍ରସ୍ ତରଫରୁ ମଧୁମେହ ଓ ପରିବାର ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଗଣେଶ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌କେସିଜି ମେଡିକାଲ କଲେଜ ମଧୁମେହ ବିଶେଷଜ୍ଞ ତଥା ପ୍ରଫେସର ଡା. ପି. ରବି କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲକ୍ଷଣ, ନିରାକରଣ ସହ ପରିବାର ଉପରେ ପ୍ରଭାବ ଓ ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ବ୍ୟସ୍ତବହୁଳ ଜୀବନ, ଅସନ୍ତୁଳନ ସ୍ୱାସ୍ଥ୍ୟ ଯୋଗୁ ସାରା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ବିଶ୍ୱରେ ପ୍ରାୟ ୪୨ କୋଟି ଲୋକ ମଧୁମେହ ଦ୍ୱାରା ଆକ୍ରାନ୍ତ ହୋଇଥିବା ବେଳେ ଭାରତରେ ପ୍ରାୟ ୭ ରୁ ୮ କୋଟି ଲୋକ ମଧୁମେହରେ ଶିକାର ହେଉଛନ୍ତି । ଏଥିରୁ ନିବୃତ୍ତ ରହିବା ସହ ନିୟମିତ ୩୦ ରୁ ୪୫ ମିନିଟ ବ୍ୟାୟାମ ଓ ଚାଲିବା ଆବଶ୍ୟକ ବୋଲି ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଉତ୍ତମା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ ଅଫିସର ପ୍ରଫେସର କିଶୋର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମଞ୍ଚାସୀନ ଥିଲେ । ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ସଂଯୋଜିକା ଶୀତଲ ପୂର୍ଣ୍ଣିମା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ ।

### 'ଆମେ ହିଁ ଆମର ରକ୍ଷକ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୧୫ା୧୧: ବ୍ରହ୍ମପୁର ରାମହରି ନଗର ସରସ୍ୱତୀ ଶିଶୁ ମନ୍ଦିରରେ 'ଆମେ ହିଁ ଆମର ରକ୍ଷକ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୈଦ୍ୟନାଥପୁର ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାଶ, ଇନ୍ସପେକ୍ଟର ଏସ୍. କିଶାନ, ସାମାଜିକକର୍ମୀ ପ୍ରମୋଦ ରଞ୍ଜନ ମହାରଣା, ଯୁବନେତା ଧୀରେନ ମହାରଣା ଯୋଗଦେଇଥିଲେ । ଏହି ଅବସରରେ ଭ୍ରୁଣ ହତ୍ୟା ଉପରେ ଏକ ନାଟକ ପରିବେଷିତ ହୋଇଥିଲା । ପ୍ରତିଯୋଗିତାରେ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବିଜୁ ଯୁବ ବାହିନୀ ବ୍ରହ୍ମପୁର ମୁଖ୍ୟ ଜେ. ଚନ୍ଦ୍ର ଶେଖର ଓ ଶକୁନ୍ତଳା ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନ ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

### ବିଶ୍ୱବିଦ୍ୟାଳୟ ଶାଖାର ବିର୍ଶା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ,୧୫ା୧୧: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିର୍ଶା ମୁଣ୍ଡାଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏବିଭିପି ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଶାଖା ଉପସଭାପତି ଚିଣ୍ଟୁ ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥରେ ଅନ୍ୟମାନଙ୍କ ମଧ୍ୟରେ ତୁତୁନ ପାତ୍ର, ଛୋଟରାଇ ହାଁସଦା, ପ୍ରହଲ୍ଲାଦ ନାୟକ ଓ ପୁଷ୍ପେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ଗଞ୍ଜାମ ଜିଲା ଠିକାଦାର ସଂଘର ଆନ୍ଦୋଳନ

# ବନ୍ଦ ହୋଇଯିବ ଉନ୍ନୟନ କାର୍ଯ୍ୟ

ବ୍ରହ୍ମପୁର ଅଫିସ୍,୧୫ା୧୧

ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଡକାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ଗଞ୍ଜାମ ଜିଲା ଠିକାଦାର ସଂଘ ସାମିଲ୍ ହୋଇଛି । ଫଳରେ ଗତ ୧ ତାରିଖରୁ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଫଳରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ନିର୍ମାଣ ଏକ ପ୍ରକାର ବନ୍ଦ ହୋଇଯାଇଛି । ଯଦି ରାଜ୍ୟ ସରକାର ତୁରନ୍ତ ସଂଘର ୧୦ଦଫା ଦାବି ପୂରଣ ନ କରନ୍ତି, ତେବେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଶୁକ୍ରବାର ସଂଘର ଶତାଧିକ ସଦସ୍ୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ । ଠିକାଦାର ବିରୋଧୀ ବିଭିନ୍ନ ନିୟମକାନୁନ୍, ନକାରାତ୍ମକ ମନୋଭାବ ଏବଂ ନିଷ୍ପତ୍ତିକୁ ନିନ୍ଦା କରାଯାଇଥିଲା। ପରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲ୍‌ଟି ରସିଦ ଦାଖଲ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ଏହାକୁ ସଂଘ ତରଫରୁ ବିରୋଧ କରାଯାଉଛି । ଏଭଳି କୌଣସି ବ୍ୟବସ୍ଥା ନ ଥିବା ବେଳେ ରାଜ୍ୟ ସରକାର ତୁରନ୍ତ ନିର୍ଦ୍ଦେଶ ପ୍ରତ୍ୟାହାର କରନ୍ତୁ ବୋଲି ସଂଘ ଦାବି କରିଛି। ଏଥି ସହ ୨୦୧୪ର ସ୍ଥିରୀକୃତ ସିଡୁଲ୍ ରେଟର୍ ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସ୍‌ଟି ପାଇଁ ୧୫ପ୍ରତିଶତ ପ୍ରାପ୍ୟ ପ୍ରଦାନ, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ୧୪.୯୯ପ୍ରତିଶତ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକ ମଜୁରିର ଉଚିତ ନିର୍ଦ୍ଧାରଣ ଏବଂ ଠିକାଦାରଙ୍କୁ ତତ୍ ସମ୍ପର୍କିତ ପ୍ରାପ୍ୟ ପ୍ରଦାନ, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ ପାଇଁ ସଂଘ ଦାବି କରିଛି। ପରେ ସେଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ବିଭିନ୍ନ ବିଭାଗ ଯନ୍ତ୍ରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପୋକୁଡିବନ୍ଧ ଛକକୁ ଯାଇ ଡ୍ରେନେଜ୍ ବିଭାଗ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ସଂଘ ସଭାପତି ଉମାକାନ୍ତ ସାହଙ୍କ ସମେତ ବହୁ ସଦସ୍ୟ ଏହି ବିକ୍ଷୋଭରେ ଭାଗ ନେଇଥିଲେ । ସରକାର ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଠିକାଦାରମାନେ ଚେତାବନୀ ଦେଇଛନ୍ତି । ଫଳରେ ସରକାରୀ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଯାଇଛି । ଆଉ କିଛି ଦିନ ଆନ୍ଦୋଳନ ଚାଲିଲେ ପରିସ୍ଥିତି ସାଂଘାତିକ ହେବ ବୋଲି ଠିକାଦାରମାନେ ଚେତାବନୀ ଦେଇଛନ୍ତି ।



ଠିକାଦାରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ଶିଶୁ ଅଧିକାର ସୁରକ୍ଷା କର୍ମଶାଳା

ବ୍ରହ୍ମପୁର ଅଫିସ,୧୫ା୧୧

ବ୍ରହ୍ମପୁର ଶିଳ୍ପାଞ୍ଚଳ ଆଙ୍କୁଲିରେ ଶୁକ୍ରବାର ଶିଶୁ ଅଧିକାର ଓ ସୁରକ୍ଷା ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସାହାରା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓସିଆର ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ୪୦ନଂ. ୱାର୍ଡ ଆମ୍ବପୁଆ, ୩୯ନଂ. ୱାର୍ଡ ଖୋଡ଼ାସିଙ୍ଗି ଓ ୩୮ନଂ. ୱାର୍ଡ ଆଙ୍କୁଲିର ଶିଶୁଙ୍କ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏଥିରେ ସିଡବ୍ଲୁସି ସଦସ୍ୟ ସୌମ୍ୟକାନ୍ତ ଜେନା ଓ ହରିହର ପାଢ଼ୀ ଯୋଗ ଦେଇଥିଲେ। ଉଭୟ ଶିଶୁଙ୍କ ସୁରକ୍ଷା ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପରୋକ୍ତ ୩ ୱାର୍ଡର ଅରୁଣ କୁମାର ପାତ୍ର, ଶୁଭ୍ର ବିଷୋୟୀ, ସୁକାନ୍ତ ନାୟକ, ମମତା କାଣ୍ଡି ଓ ସନ୍ଧ୍ୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜକ ବାଦଲ କାଣ୍ଡି, ତାରିଣୀ ନାୟକ, କାହ୍ନା ନାୟକ, ଆଶିଷ ନାୟକ ଏବଂ ଓମ୍ ପ୍ରକାଶ ନାୟକଙ୍କ ସମେତ କେତେକ ଶିକ୍ଷୟିତ୍ରୀ, ଶିକ୍ଷକ ଓ ୱାର୍ଡ କର୍ମୀମାନେ ଉପସ୍ଥିତ ଥିଲେ । ଶିଶୁଙ୍କୁ ସର୍ବଦା ସୁରକ୍ଷା ଦେବା ନିମନ୍ତେ ଶପଥ ପାଠ କରାଯାଇଥିଲା ।

## ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପାଟପୁରକୁ ହରାଇ ଖେମୁଣ୍ଡି କଲେଜ ବିଜେତା


ବିଜେତା ଓ ଉପବିଜେତାଙ୍କ ସହ କ୍ରୀଡା ପରିଷଦ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୧୫ା୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୬ଷ୍ଠତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମେତ ବିଭିନ୍ନ ମହାବିଦ୍ୟାଳୟର ୧୦ ଦଳ ଭାଗ ନେଇଥିଲେ । ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦିଗପହଣ୍ଡି ଖେମୁଣ୍ଡି କଲେଜ ପାଟପୁର ବି.ଆର. ବିଜ୍ଞାନ ମହାବିଦ୍ୟାଳୟକୁ ୯-୮ ପଏଣ୍ଟରେ ହରାଇ ବିଜେତା ହୋଇଥିଲା । ଆଙ୍କୁଶପୁର ଏସ୍‌ଏମ୍‌ଆଇଟିରେ ଦୁଇଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଡ. ସୀତାରାମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଏସ୍‌ଏମ୍‌ଆଇଟି ଲାଇବ୍ରେରୀ ସାଇନ୍ସ ଓ ଏମ୍‌ବିଏ ବିଭାଗ ଅଧକ୍ଷ ଡ. ସତ୍ୟବ୍ରତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ସ୍ପୋର୍ଟ୍ସ ଅଫିସର ରବି ଚରଣ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ୍ତ ପଟ୍ଟନାୟକ, କ୍ରୀଡା ପରିଷଦ ସଦସ୍ୟ ଟି. ଶିବାନନ୍ଦ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସରୋଜ କୁମାର ପାଢ଼ୀ, ରଘୁନାଥ ରେଡ୍ଡୀ, ଶ୍ରୀନିବାସ ଦୋରା, ସୁଶାନ୍ତ କୁମାର ନାୟକ, ସଚ୍ଚିଦାନନ୍ଦ ଦାଶ, ସୁଧୀର ବିଷୋୟୀ ଓ ଜଗନ୍ନାଥ ରାଓ ପ୍ରମୁଖ ଅଫିସିଆଲ ଭାବେ ଯୋଗଦେଇ କ୍ରୀଡା ପରିଚାଳନା କରିଥିଲେ ।

## ସମବାୟ ବ୍ୟାଙ୍କ ସଭାପତିଙ୍କ ବ୍ରହ୍ମପୁର ଗସ୍ତ

ବ୍ରହ୍ମପୁର ଅଫିସ,୧୫ା୧୧

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି) ସଭାପତି ଅକ୍ଷୟ କୁମାର ମହାନ୍ତି ଶୁକ୍ରବାର ବ୍ରହ୍ମପୁର ଗସ୍ତରେ ଆସିଥିଲେ। ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ପରିଦର୍ଶନ କରିବା ସହିତ ଭାରପ୍ରାପ୍ତ ସମ୍ପାଦକ ତଥା ସିଇଓ ଭି. ତାରକାନାଧମ୍‌ଙ୍କ ଓ ଅନ୍ୟ କର୍ମଚାରୀଙ୍କ ସହ ବ୍ୟାଙ୍କ କାରବାର, କୃଷି ଋଣ ଲଗାଣ ଓ ଆଦାୟ ନେଇ ଆଲୋଚନା କରିଥିଲେ। ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡ ବରିଷ୍ଠ ନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର, ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି ସନାତନ ସଂଗ୍ରାମ ସିଂଙ୍କ ସମେତ ସମବାୟ ବିଭାଗ ଉପନିବନ୍ଧକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଓଏସ୍‌ସିବି ବ୍ରହ୍ମପୁର ଶାଖା ମଧ୍ୟ ସେ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମହାନ୍ତି ଗଞ୍ଜାମ ଜିଲାର ଆସିକା ଓ ଅନ୍ୟ ସ୍ଥାନକୁ ଯାଇଥିଲେ ।

## ଦୀପ ନିଆଁରେ ପୋଡିହୋଇ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୫ା୧୧

ପୂଜା କରୁଥିବା ବେଳେ ଦୀପ ନିଆଁରେ ପୋଡି ହୋଇ ଗୁରୁତର ହୋଇଥିବା ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପବିତ୍ର କୁମାର ପାତ୍ରଙ୍କ ସ୍ତ୍ରୀ ଶୁଭସ୍ମିତା (୨୬) । ତାଙ୍କ ଘର ଭଞ୍ଜନଗର ଥାନା ଅନ୍ତର୍ଗତ ଉଦରା ବୋଲି ମେଡିକାଲ ପୋଲିସ କହିଛି। ଶୁକ୍ରବାର ମୃତଦେହ ଜବତ କରି ପୋଲିସ ନଂ. ୬୦୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୋରଡାର ଶଙ୍କର ଅଧିକାରୀଙ୍କ ଝିଅ ଶୁଭସ୍ମିତାଙ୍କୁ ୨୦୧୫ରେ ଉଦରା ଗ୍ରାମର ଶରତ ଚନ୍ଦ୍ର ପାତ୍ରଙ୍କ ପୁଅ କୁଳମଣି ବିବାହ କରିଥିଲେ। ମାର୍ଚ୍ଚରେ କୁଳମଣିଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। କିଛିଦିନ ପରେ ଶୁଭସ୍ମିତାଙ୍କୁ ଉଭୟ ପରିବାରଙ୍କ ସହମତିରେ ତାଙ୍କ ଦିଅର ପବିତ୍ରଙ୍କ ସହ ବାହାଘର କରାଯାଇଥିଲା। ଗତ ୧୩ ତାରିଖ ରାତିରେ ଶୁଭସ୍ମିତା ଘରେ ପୂଜା କରୁଥିବା ବେଳେ ଆକସ୍ମିକ ଭାବେ ତାଙ୍କ ଶାଢୀରେ ଦୀପ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁଭସ୍ମିତାଙ୍କ ଶରୀରର ଶହେ ଭାଗ ପୋଡିଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଟ୍ରାଫିକ୍ ସମସ୍ୟା, ବିଏମ୍‌ସିର ଜବରଦଖଲ ଉଚ୍ଛେଦ


ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

ବ୍ରହ୍ମପୁର ଅଫିସ,୧୫ା୧୧

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ପୂର୍ବାହ୍ନରେ ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ ଓ ଗାନ୍ଧୀନଗର ଅଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱରେ ଜବରଦଖଲ କରି ରଖିଥିବା ଦୋକାନଘର, ରାସ୍ତାପାର୍ଶ୍ୱରେ ରହିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଉପରୋକ୍ତ ଅଞ୍ଚଳରୁ ପ୍ରାୟ ୧୨ରୁ ୧୩ ଦୋକାନ ଘର ଓ ଉଠାଦୋକାନ ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ କରାଯାଇଛି । ସେହିପରି ସନ୍ଧ୍ୟାରେ କୋର୍ଟପେଟାର ମୁଖ୍ୟରାସ୍ତା ପାର୍ଶ୍ୱରେ ରହିଥିବା ଦୋକାନ ଓ ଉଠାଦୋକାନଗୁଡିକୁ ମଧ୍ୟ ଉଚ୍ଛେଦ କରାଯାଇଥିବା ଏନ୍‌ଫର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି । ରାସ୍ତାରେ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ଆଗାମୀ ଦିନରେ ଏଭଳି ଉଚ୍ଛେଦ ଜାରି ରହିବ ବୋଲି ସେ କହିଛନ୍ତି ।

## ଚାକିରି ଦେବା ନାଁରେ ଠକେଇ ମାମଲା: ରେଳ କର୍ମଚାରୀ ଗିରଫ

ବ୍ରହ୍ମପୁର ଅଫିସ,୧୫ା୧୧

ବେକାର ଯୁବକଙ୍କୁ ରେଳବାଇରେ ଚାକିରି କରାଇଦେବା ନାଁରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ନେଇ ୨୦୧୮ରେ ବୈଦ୍ୟନାଥପୁର ଥାନାରେ ୩ ମାମଲା ରୁଜୁ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ଜଣେ ରେଳବାଇ କର୍ମଚାରୀ ଫାୟାଜ ଖାନ ଓରଫ ଫାୟାଜ ମହମ୍ମଦଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଫାୟାଜଙ୍କ ଘର କଟକ ହୋଇଥିବା ବେଳେ ସେ ଜଟଣୀ ଆକାଉଣ୍ଟସ୍ କଲୋନୀରେ ରହୁଛନ୍ତି। ସେ ରେଳ ବିଭାଗର ବରିଷ୍ଠ ଗୁଡ୍ସ ଗାର୍ଡ ଭାବେ କାମ କରନ୍ତି ବୋଲି ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ମାମଲା ନଂ.୦୯/୧୮ରେ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ମାମଲାର ମାଷ୍ଟରମାଇଣ୍ଡ ଗେଟବଜାର ଗୋଲାପଲ୍ଲୀ ସାହିର ନିଳାଦ୍ରୀ ପ୍ରସାଦ ପଣ୍ଡା, ଖୋର୍ଦ୍ଧାର ରଜତ କୁମାର ମିଶ୍ର ଓ ଖୋଡାସିଙ୍ଗିର ବନ୍ଦିତା କୁମାରୀ ବେହେରାଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୫ରେ ନିଳାଦ୍ରୀ ତାଙ୍କ ଗୋଲାପଲ୍ଲୀ ଘର ଉପର ମହଲାରେ ଏକ ଅଫିସ ଖୋଲିଥିଲେ। ନିଳାଦ୍ରୀଙ୍କ ସହ ୭ ଜଣିଆ ଗ୍ୟାଙ୍ଗ ବେକାର ଯୁବକଙ୍କୁ ରେଳବାଇରେ ଚାକରି ପାଇଁ ବାହାରିଥିଲେ। ଜଣେ ଯୁବକ ପିଛା ୩ ଲକ୍ଷ ଟଙ୍କା ହିସାବରେ ୩୫ ଜଣଙ୍କଠାରୁ ସେମାନେ ଟଙ୍କା ନେଇଥିଲେ। ଏହି ଗ୍ୟାଙ୍ଗ ପ୍ରଥମେ କନ୍ଧମାଳର ବନବାସୀ ପୃଷ୍ଟିଙ୍କୁ ଭେଟିଥିଲେ। ତାଙ୍କ ପୁଅ ଜିତେନ୍ଦ୍ର କୁମାର ପୃଷ୍ଟି ଓ ଅନ୍ୟ ଜଣେ ସମ୍ପର୍କୀୟ ଜିତୁ ସାହୁଙ୍କୁ ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ପରେ ଉଭୟ ଯୁବକ ବ୍ରହ୍ମପୁର ଗୋଲାପଲ୍ଲୀ ସହି କାର୍ଯ୍ୟାଳୟକୁ ଆସି ପ୍ରତ୍ୟେକ ୩ ଲକ୍ଷ ୨୦ ହଜାର ଟଙ୍କା ହିସାବରେ ମୋଟ ୬ ଲକ୍ଷ ୪୦ ହଜାର ଟଙ୍କା ନିଳାଦ୍ରୀ ପ୍ରସାଦ ପଣ୍ଡାଙ୍କୁ ଦେଇଥିଲେ। ଏପରି ଏହି ଗ୍ୟାଙ୍ଗ ୩୫ ଯୁବକଙ୍କୁ ତାଙ୍କ ଜାଲରେ ଫସାଇ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ଚାକରି ପାଇବା ଆଶାରେ ଯୁବକ ମାନେ ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଶେଷରେ ସେମାନେ ଗୋଲାପଲ୍ଲୀରେ ଥିବା ନୀଳାଦ୍ରିଙ୍କ ଅଫିସକୁ ଆସି ଟଙ୍କା ଫେରସ୍ତ କରିବା ପାଇଁ ଦାବି କରିଥିଲେ। ୨୦୧୮ ଜାନୁୟାରୀ ୮ରେ ପୃଥକ ଭାବେ ବୈଦ୍ୟନାଥପୁର ଥାନାରେ ୩ଟି ଏତଲା ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ନୀଳାଦ୍ରି, ରଜତ ଓ ବନ୍ଦିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## 'ନୂପୁର' ଅନୁଷ୍ଠାନର ଶିଶୁ ମହୋତ୍ସବ

ବ୍ରହ୍ମପୁର ଅଫିସ,୧୫ା୧୧

ବ୍ରହ୍ମପୁର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନୂପୁର' ପକ୍ଷରୁ ଶିଶୁ ମହୋତ୍ସବ ଗେଟବଜାରସ୍ଥିତ ଏନଜିଓ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେସମସହର ପୁସ୍ତକମେଳା ସଭାପତି ଗୋପାଳ କୃଷ୍ଣ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ପାଢ଼ୀ, ବରିଷ୍ଠ ମଞ୍ଚ କଳାକାର କେଦାର ଆପ୍ତା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଦାଶକାଠିଆ ପାଇଁ ରାଜ୍ୟସ୍ତରୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଥିବା ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସଭାପତି ଚିତ୍ତରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ନିର୍ଦ୍ଦେଶକ ସତ୍ୟ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ସମ୍ବର୍ଦ୍ଧିତ ପ୍ରତିଭା।

## ପୁସ୍ତକମେଳା ମାଧ୍ୟମରେ ପାଠକ ସୃଷ୍ଟି କରିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୧୫ା୧୧

ଗଞ୍ଜାମ ଜିଲା ପୁସ୍ତକ ମେଳା କମିଟି ପକ୍ଷରୁ ଖଲ୍ଲିକୋଟ କଲେଜ ପଡିଆରେ ଆୟୋଜିତ ମହାନଗର ପୁସ୍ତକମେଳା ଶୁକ୍ରବାର ଅଷ୍ଟମ ଦିବସରେ ପହଞ୍ଚିଛି। କମିଟି ପକ୍ଷରୁ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଓଡ଼ିଶାର ବିଶିଷ୍ଟ କବି ବିପ୍ର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରି କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଗଞ୍ଜାମ ମାଟି ହେଉଛି କଳା ସାହିତ୍ୟର ସାଧନା ପୀଠ। ପୁସ୍ତକର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇଛି। ସାହିତ୍ୟ ସାଧନା ପାଇଁ ଉପଯୁକ୍ତ ଗ୍ରନ୍ଥାଗାର ନାହିଁ। ତେଣୁ ପୁସ୍ତକ ମେଳା ମାଧ୍ୟମରେ ପାଠକ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅନନ୍ତରାମ କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି କବି ବଳରାମ ସ୍ୱାଇଁ, କବି ନିରଞ୍ଜନ ତ୍ରିପାଠୀ ମଞ୍ଚସୀନ ଥିଲେ। ବକ୍ତାଭାବେ ଡ଼. ସୁରେଶ ପଣ୍ଡା, ଜ୍ଞାନାନନ୍ଦ ସାଗର ଯୋଗ ଦେଇଥିଲେ। ଏହି ଅବସରରେ ମନୋଜ ମହାରଣାଙ୍କ ଲିଖିତ ଓ ଗୁରୁ ସନ୍ତୋଷ ବେହେରାଙ୍କ ସଙ୍ଗୀତ ନିର୍ଦ୍ଦେଶିତ ନୂଆ ଭଜନ 'କାଳିଆକୁ ପଚାରଇ ରଥ ନନ୍ଦିଘୋଷ' ପୋଷ୍ଟର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟି ସଭାପତି କବି ସୁଶାନ୍ତ ଦାଶ ସଂଯୋଜନା କରିଥିବା ବେଳେ ଅଜିତ ସାବତ ଧନ୍ୟବାଦ ଦେଇଥିଲେ। କବି ସରୋଜ କୁମାର ନନ୍ଦକୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ମହାନଗର ପୁସ୍ତକମେଳା**
**ଅଷ୍ଟମ ସନ୍ଧ୍ୟା**

## ସଂକ୍ଷେପରେ

### ଦେଶୀ ମଦ ସହ ପୋଚ ଜବତ, ୪ ଗିରଫ

କୋଦଲା,୧୫।୧୧(ଡି.ଏନ.ଏ.)-କୋଦଲା ଏରଗୁଲା ବସ୍ତିରେ ଶୁକ୍ରବାର ପୋଲିସ ଚଢ଼ାଉ କରି ୪ ହଜାରରୁ ଊର୍ଦ୍ଧ୍ୱ ଲିଟର ପୋଚ ଓ ୩ ଶହ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାଗେଶ୍ୱର ପ୍ରଧାନ, ଅନ୍ନପୂର୍ଣ୍ଣା ପ୍ରଧାନ, ଏସ୍.ବାବୁ, ଏମ୍.ସାବିତ୍ରୀ। ନଂ. ୩୨୯/୧୯ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋଦଲା ପୋଲିସ କୋର୍ଟଚାଲାଣ କରିଛି। କୋଦଲା ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଏଏସ୍ଆଇ ମହେଶ୍ୱର ବେହେରା, ରାଇଟର କେ.ପ୍ରଶାନ୍ତ କୁମାର ରେଡ୍ଡୀ ସଦଳବଳ ଚଢ଼ାଉ କରିଥିଲେ।

### ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି, ଥାନାରେ ଏତଲା

ଗଞ୍ଜାମ,୧୫।୧୧(ଡି.ଏନ.ଏ.)-ଗଞ୍ଜାମ ଥାନା ବ୍ରାହ୍ମଣ ଡାମଣା ସାହିରୁ ଗୁରୁବାର ବିଳମ୍ବିତ ରାତିରେ ରାମକୃଷ୍ଣ ଖାଡ଼ଙ୍ଗାଙ୍କ ଗୋଦାମରୁ ବଡ଼ଧରଣର ଚୋରି ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୦୯/୧୯ରେ ମାମଲା ରୁଜୁ ହୋଇଛି। ଗଞ୍ଜାମ ଆଇଆଇସି ଦିଲୀପ କୁମାର ସାହୁ, ଏସ୍ଆଇ ନାରାୟଣ କହଁର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ରାମକୃଷ୍ଣଙ୍କ ଗଞ୍ଜାମ ବଡ଼ବଜାରଠାରେ ହୋଲସେଲ ଦୋକାନ ଥିବା ବେଳେ ବିଭିନ୍ନ ଦୋକାନ ସାମଗ୍ରୀ ନିଜ ଘର ଡାମଣା ସାହିରେ ଥିବା ଗୋଦାମ ଘରେ ରଖିଥିଲେ। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ ଗୋଦାମର ତାଲା ଭାଙ୍ଗି ବିଭିନ୍ନ ଗୁଟଖା ସାମଗ୍ରୀ ଲୁଟି ପୁଣି ନୂଆ ତାଲା ଲଗାଇ ଚମ୍ପଟ ମାରିଛନ୍ତି। ଲୁଟ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଗୋଦାମ ଘର ସମ୍ମୁଖରେ ଏକ ଶାବଳ ପଡ଼ିଥିବା ଦେଖିବାକୁ ମିଳିଛି। ଏଥିରେ ଅଞ୍ଚଳର କେହି ସଂଶ୍ଳିଷ୍ଟ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି।

### ଶ୍ରମ କାର୍ଯ୍ୟାଳୟରୁ ମହିଳା ଦଲାଲ ଗିରଫ

ଛତ୍ରପୁର,୧୫।୧୧(ଡି.ଏନ.ଏ)-ଛତ୍ରପୁର ଶ୍ରମ କାର୍ଯ୍ୟାଳୟରୁ ଶୁକ୍ରବାର ଜଣେ ମହିଳା ଦଲାଲଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେ ହେଲେ ରମ୍ଭା ଥାନା ପ୍ରୟାଗୀ ଗାଁର ମିନତୀ ପାତ୍ର। ଏ ନେଇ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା (ନଂ.୨୯୬/୧୯) ମାମଲା ରୁଜୁ କରାଯାଇ ମିନତୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

ମିନତୀ ଦୀର୍ଘ ଦିନ ହେଲା ଶ୍ରମ କାର୍ଯ୍ୟାଳୟ ନିକଟରେ ରହି ସେଠାକୁ ପ୍ରତିଦିନ ଆସୁଥିବା ଲୋକଙ୍କୁ ଶ୍ରମ କାର୍ଡ କରାଇ ଦେବେ କହି ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ଶ୍ରମ କାର୍ଯ୍ୟାଳୟ ପରିସରରେ ମିନତୀ ଏପରି କାର୍ଯ୍ୟ କରୁଥିବା ଖବରପାଇ ଛତ୍ରପୁର ଥାନା ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଦାବିରେ ଧାରଣା

**ମୋହନା,୧୫।୧୧(ଡି.ଏନ୍.ଏ.)**

ଗଜପତି ମୋହନା ବ୍ଲକ ଚୁଡୁଙ୍ଗପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ପୂର୍ବାହ୍ନରେ ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଧାରଣା ଦେଇଥିଲେ। ଦିବ୍ୟାଙ୍ଗ, ବିଧବା, ବାର୍ଦ୍ଧକ୍ୟ ଏବଂ ଅନ୍ୟାନ୍ୟ ମହିଳା ଓ ପୁରୁଷ ହିତାଧିକାରୀମାନଙ୍କ ଭତ୍ତା ବ୍ୟାଙ୍କ ଖାତାରେ ଜମା ହେଉଥିବା ଜାଣି ସେମାନେ ଏହାକୁ

ବିରୋଧ କରଛନ୍ତି। ସିଆଳିଲଟି, ଝରଣପୁର, ପାଲକୁଆ, ବେସରୀଗୁଡା, ଗୁମିଗୁଡା, ଚୁଡୁଙ୍ଗପୁର, ବଦାକୁଆ ଗ୍ରାମର ଏହି ହିତାଧିକାରୀମାନେ ଧାରଣା ଦେବା ସହ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ସରପଞ୍ଚଙ୍କ ଅନୁପସ୍ଥିତିରେ ଗ୍ରାମ୍ୟ ରୋଜଗାର ସେବକ ମନୋଜ କୁମାର ପରିଡାଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓଙ୍କ ମାଧ୍ୟମରେ ଭତ୍ତା ମିଳୁଥିଲା। ଏବେ ବ୍ୟାଙ୍କରେ ଭତ୍ତା ଟଙ୍କା ଜମା ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କାରଣ ଉପରୋକ୍ତ ଗ୍ରାମ ପାଖାପାଖି ବ୍ୟାଙ୍କ ନାହିଁ। ବ୍ୟାଙ୍କ ସେବା ପାଇଁ ଚନ୍ଦ୍ରଗିରି, ମୋହନା, ଚାନ୍ଦିପୁଟ ଯିବାକୁ ପଡିଥାଏ। ଯାହାକି ଗ୍ରାମଠାରୁ ୪୦ରୁ ୫୦ କି.ମି ଦୂର । ଏହାଦ୍ୱାରା ସମୟ ନଷ୍ଟ ସହିତ ଖର୍ଚ୍ଚାନ୍ତ ହେବା ସମ୍ଭାବନା ରହିଛି । ତେଣୁ ପୂର୍ବଭଳି ପଞ୍ଚାୟତରେ ଭତ୍ତା ଦେବା ପାଇଁ ଆଦିବାସୀ ନେତା ଆର୍ସିଗ ଗମାଙ୍ଗ ଦାବି କରିଛନ୍ତି।



ଭତ୍ତା ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି।

■ ପାହାଡ଼ରୁ ନାବାଳକଙ୍କ କଙ୍କାଳ ଉଦ୍ଧାର

# ହତ୍ୟା ସନ୍ଦେହ, ଜଣେ ଅଟକ

**ବୁଗୁଡ଼ା,୧୫।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ନିକଟସ୍ଥ ଦିଗବାରିଣୀ ପାହାଡ଼ରୁ ଶୁକ୍ରବାର ବୁଗୁଡ଼ା ପୋଲିସ ଜଣେ ନାବାଳକଙ୍କ କଙ୍କାଳ ଉଦ୍ଧାର କରିଛି। ନାବାଳକ ଜଣକ ହେଲେ ଖୋଲରୀ ଗ୍ରାମର ପରମେଶ୍ୱର ଜେନାଙ୍କ ପୁଅ ଯଜ୍ଞସେନ (୧୫)। ଅଞ୍ଜଳିଙ୍କ ଏତଲା କ୍ରମେ ପୋଲିସ ନଂ. ୨୬୫/୧୯ରେ ମାମଲା ରୁଜୁ କରି ଜରଡ଼ା ଥାନା ହରଡ଼ାମରା ଗ୍ରାମର କୃଷ୍ଣଚନ୍ଦ୍ର ଗୌଡ଼ଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ସେପ୍ଟେମ୍ବର ୨ ତାରିଖରେ କୃଷ୍ଣଚନ୍ଦ୍ର ଯଜ୍ଞସେନଙ୍କୁ ତାଙ୍କ ବଡ଼ଭାଇ ପାଖରେ ଛାଡ଼ିଦେବି କହି ଜବରଦସ୍ତି ନେଇଯାଇଥିଲେ। ସେହିଦିନଠାରୁ ଯଜ୍ଞସେନ ବଡ଼ ଭାଇ ପାଖରେ ନ ଥିଲେ କି ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପୁଅ କେଉଁଠି ଅଛି ଆଣିକି ଦିଅ ବୋଲି ଅଞ୍ଜଳି କୃଷ୍ଣଙ୍କୁ ପଚାରିବାରୁ ସେ ସମୟ ଗଡ଼ାଉଥିଲେ। କିନ୍ତୁ ନ ଆଣିବାରୁ ଅଞ୍ଜଳି ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ବୁଗୁଡ଼ା ପୋଲିସ ତଦନ୍ତ ଆରମ୍ଭ କରି କେ.ନୂଆଗାଁ ପୋଲିସ ସହାୟତାରେ ଅପରାହ୍ନରେ ଯଜ୍ଞସେନଙ୍କ କଙ୍କାଳ ଦିଗବାରିଣୀ ପାହାଡ଼ରୁ ଉଦ୍ଧାର କରିଥିଲା। କୌଣସି କାରଣରୁ ନାବାଳକଙ୍କୁ କୃଷ୍ଣ ହତ୍ୟା କରି ପାହାଡ଼ରେ ଫୋପାଡ଼ି ଦେଇଥିବା ପୋଲିସ ସନ୍ଦେହ କରୁଛି।

■ ବିଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଏସ୍ପିଙ୍କୁ ଭେଟି ତଦନ୍ତ ଦାବି କଲେ ମା’,ବାପା



ଏସପିଙ୍କୁ ଭେଟିବାକୁ ଆସିଥିବା ମୃତ ହ୍ରିତିକଙ୍କ ମା’ ଓ ବାପା।

**ଛତ୍ରପୁର,୧୫।୧୧(ଡି.ଏନ.ଏ)**

ବ୍ରହ୍ମପୁର ରାମହରିନଗରର ରବୀନ୍ଦ୍ର ନାଥ ମିଶ୍ରଙ୍କ ପୁଅ ହ୍ରିତିକଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ଚମାଖଣ୍ଡି ପୋଲିସ କହିଛି। ମାତ୍ର ହ୍ରିତିକଙ୍କ ମା’, ବାପା ଏଥିରେ ସନ୍ଦେହ କରିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ହ୍ରିତିକଙ୍କ ବାପା ରବୀନ୍ଦ୍ର ଓ ମା’ ରଞ୍ଜନା ଶୁକ୍ରବାର ଛତ୍ରପୁର ଆସି ଗଞ୍ଜାମ ଏସ୍ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଏ ନେଇ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ଅନୁରୋଧ କରିଥିଲେ । ଏହାର ତଦନ୍ତ ପାଇଁ ଛତ୍ରପୁର ଏସଡିପିଓଙ୍କୁ ଏସ୍ପି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ପ୍ରକାଶ ଯେ, ହ୍ରିତିକ ବ୍ରହ୍ମପୁରର ନିଷ୍ଟରେ ବିଟେକ୍ (କମ୍ପ୍ୟୁଟର ସାଇନ୍ସ)ର ଶେଷବର୍ଷ ଛାତ୍ର ଥିଲେ। ଫେବୃୟାରୀ ୪ତାରିଖରେ କଲେଜର ଜଣେ ପୂର୍ବତନ ଛାତ୍ରଙ୍କ ସହ ବାଇକ୍ରେ ସେ ଛତ୍ରପୁର ଆସୁଥିଲେ। ରାତି ପର୍ଯ୍ୟନ୍ତ ହ୍ରିତିକ ଘରକୁ ନ ଫେରିବାରୁ ପରିବାରବର୍ଗ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ । ହ୍ରିତିକଙ୍କ ଅଚେତ୍ ହୋଇ ଚମାଖଣ୍ଡି ଥାନା ଅଧୀନ ଟାଟା ପ୍ରକଳ୍ପ ଫାଟକ ଆଗରେ ପଡିଛନ୍ତି ବୋଲି କେହି ଜଣେ ଅଜଣା ବ୍ୟକ୍ତି ତାଙ୍କ ଫୋନ୍ ରିସିଭ କରି ପରିବାର ଲୋକଙ୍କୁ କହିଥିଲେ । ଆମ୍ବୁଲାନ୍ସ ଯୋଗେ ପୋଲିସ ହ୍ରିତକଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲା । ସେଠାରେ ଉପସ୍ଥିତ ଥିବା ସମ୍ପୃକ୍ତ ପୂର୍ବତନ ଛାତ୍ରଙ୍କୁ ପରିବାରବର୍ଗ ପଚାରିବାରେ ଟ୍ରକ୍କୁ ଓଭରଟେକ କରିବାରୁ ଦୁର୍ଘଟଣା ଘଟିଥିଲା ଏବଂ ସେ ନିଜେ ବାଇକ ଚଳାଉଥିଲେ ବୋଲି କହିଥିଲେ । ତେବେ ତାଙ୍କର ସେପରି କିଛି କ୍ଷତ ଚିହ୍ନ ନଥିବାରୁ ପରିବାରବର୍ଗ ସନ୍ଦେହ କରିଥିଲେ । ପରେ ଅଧିକ ଚିକିତ୍ସା ପାଇଁ ହ୍ରିତିକଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ୧୪ ଦିନ ପରେ ଫେବୃୟାରୀ ୧୭ରେ ହ୍ରିତିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ପରେ ୨୪ ତାରିଖରେ ଉକ୍ତ ପୂର୍ବତନ ଛାତ୍ରଙ୍କ ଉପରେ ସନ୍ଦେହ ଦର୍ଶାଇ ତଦନ୍ତ କରିବାକୁ ହ୍ରିତିକଙ୍କ ବାପା ରବୀନ୍ଦ୍ରଙ୍କ ପକ୍ଷରୁ ଚମାଖଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ଭିତ୍ତିକରି ଏକ ମାମଲା (ନଂ.୩୩/୧୯) ରୁଜୁ ହୋଇଥିଲା । ତେବେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ମା’ ବାପା ଛତ୍ରପୁର ଆସି ଏସପିଙ୍କୁ ଭେଟିଥିଲେ ।

■ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବିଭିନ୍ନ ସମସ୍ୟା ନେଇ ଆମରଣ ଅନଶନ

**ପାତ୍ରପୁର,୧୫।୧୧(ଡି.ଏନ୍.ଏ.)**

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗତ ମାସରେ ସାମାଜିକ କର୍ମୀ କ୍ଷୀରମଣି ନାୟକ ବିଭିନ୍ନ ପଦାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏଯାଏ କୌଣସି ସମସ୍ୟାର ସମାଧାନ ନ ହେବାରୁ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମରଣ ଅନଶନ ଆରମ୍ଭ ହୋଇଛି।

ପ୍ରକାଶ ଯେ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁବର୍ଷ ହେଲା ଡାକ୍ତର ଅଭାବ ଥିବା ବେଳେ ଏକ୍ସ-ରେ ଓ ଆଲଟ୍ରାସାଉଣ୍ଡ ମେଶିନ, ନିରାମୟ ଔଷଧ ବିତରଣ, ଆମ୍ବୁଲାନ୍ସ ସେବା ଠିକ୍ଭାବେ ହେଉ ନ ଥିବା ବାରମ୍ବାର ଅଭିଯୋଗ ହେଉଥିଲା। ଏ ନେଇ ଗତ ମାସରେ କିଛି ସାମାଜିକ କର୍ମୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଦାବିପତ୍ର ଦ୍ୱାରା ଜଣାଇଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ଶୁକ୍ରବାର ଦିନସାରା ଅନଶନ ଜାରି ରହିଥିଲା। ସନ୍ଧ୍ୟାରେ ମେଡିକାଲ କର୍ତ୍ତୃପକ୍ଷ ପହଞ୍ଚି ଅନଶନକାରୀଙ୍କୁ ଜିଲାପାଳଙ୍କ ଚିଠି ଦେଖାଇଥିଲେ। ଉକ୍ତ ଅଭିଯୋଗକୁ ସରକାରଙ୍କ ପାଖକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ହେଲେ ଦାବି ପୂରଣ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଅନଶନକାରୀମାନେ କହିଛନ୍ତି।




# ଶିକ୍ଷାନୁଷ୍ଠାନ ବାର୍ଷିକ କ୍ରୀଡ଼ା ଉତ୍ସବ

**ଛତ୍ରପୁର,୧୫।୧୧(ଡି.ଏନ୍.ଏ.)**

ଛତ୍ରପୁର ଶ୍ରୀରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ସ୍ଥାନୀୟ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇ ଏହାକୁ ଉଦଘାଟନ କରି ଶିଶୁମାନେ ଭଲ ପାଠ ପଢ଼ିବା ଓ ଭଲ କ୍ରୀଡାବିତ୍ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ରଜନୀକାନ୍ତ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ସଂଯୋଜକ ପି. ମୋହନ ରାଓ ପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଟି. ଭେଙ୍କେଟ କ୍ରିଷ୍ଣୟା, କୋଷାଧ୍ୟକ୍ଷ ଏ. ରାବଣା ରାଓ, ଉପସଭାପତି ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। ପ୍ରଥମେ ସ୍ଥାନୀୟ ରାମାୟଣାମ୍ବା ମନ୍ଦିରରୁ ଜ୍ୟୋତି ଅଣାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇ ଥିଲା । ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶନିବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହେବ ।



ବ୍ଲକ ଅଧ୍ୟକ୍ଷ ବକ୍ତବ୍ୟ ଦେଉଛନ୍ତି।




### ଅସହାୟ ଯୁବତୀ ଉଦ୍ଧାର

**ପାତ୍ରପୁର, ୧୫।୧୧ (ଡି.ଏନ୍.ଏ.)**

ପାତ୍ରପୁର ସ୍ଥିତ ଏକ ଧାନ ଜମିରେ ଅସହାୟ ଅବସ୍ଥାରେ ପଡ଼ିଥିବା ଜଣେ ଯୁବତୀଙ୍କୁ ଶୁକ୍ରବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ରବୀନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ସାହୁ, ସରୋଜ ପଣ୍ଡା, ଅଜିତ ସାହୁ, ଏଲ୍. ପାପେୟା ଯୁବତୀଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜରଡ଼ା ପୋଲିସକୁ ଜଣାଯାଇଥିଲା। ଯୁବତୀ ଜଣକ ମାନସିକ ବିକାରଗ୍ରସ୍ତ ଥିବାରୁ ସେ ନିଜ ଠିକଣା କହିପାରି ନ ଥିଲେ। ପରେ ଗାଁ ନାଁ କହିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଯୁବତୀଙ୍କ ଘରକୁ ନେଇଛନ୍ତି। ଯୁବତୀଙ୍କ ମାନସିକ ବିକାରଗ୍ରସ୍ତ ଥିବା ବେଳେ ସେ ସକାଳୁ କେଉଁଆଡ଼େ ଚାଲିଯାଇଥି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ